# *Inauguration of Super Computer in VSSUT &*

# *9th Convocation of the University on 24th October 2017*

## Guv inaugurates super-computing facility for VSSUT at Raj Bhavan

**STATESMAN NEWS SERVICE**
BHUBANEWAR, 24 OCTOBER



Governor Dr S C Jamir inaugurated Param Savak super-computing facility for Veer Surendra Sai University of Technology at Raj Bhavan through video conferencing system today.

Veer Surendra Sai University of Technology has partnered with Centre for Development of Advanced Computing, Ministry of Electronics and IT to set up the param supercomputing system. The supercomputing ecosystem will enable to create and develop skills to meet the engineering, research and industry demands, with a capacity of solving multi-disciplinary grand challenges in science and engineering that employ computational science and deep learning techniques.

Dr Jamir said this facility will benefit students, faculty and research scholars and will raise the standard of research and technical acumen to enable them to gain a competitive edge in their careers. Prof. E Saibaba Reddy at Burla, Sanjay Kumar Singh, secretary, Skill Development and Technical Education, Executive Director, CDAC among others were present at the function.

# ସମାଜ
The Samaja

ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

କଟକ | ସମ୍ବଲପୁର | ବିଶାଖାପାଟଣା | କଲକାତା | ରାଉରକେଲା | ଭୁବନେଶ୍ୱର | ବ୍ରହ୍ମପୁର | ବାଲେଶ୍ୱର | ଅନୁଗୋଳ | କୋରାପୁଟରୁ ପ୍ରକାଶିତ




### ଆଜି ଭିସୁଟ ସମାବର୍ତ୍ତନ ଉତ୍ସବ

## ଲୋକାର୍ପିତ ହେବ ସୁପର କମ୍ପ୍ୟୁଟିଙ୍ଗ ସୁବିଧା, ୨୫ ସ୍ୱର୍ଣ୍ଣ ପଦକ ଓ ୧୧୧୬ ଡିଗ୍ରୀ ପ୍ରଦାନ



ବୁର୍ଲା,୨୩।୧୦(ନି.ପ୍ର)- ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ରେ ମଙ୍ଗଳବାର ୨୪ ତାରିଖ ହେବାକୁ ଥିବା ନବମ ସମାବର୍ତ୍ତନ ଉତ୍ସବରେ ପରମ ଶବକ ସୁପର କମ୍ପ୍ୟୁଟିଙ୍ଗ ଫେସିଲିଟି ଲୋକାର୍ପିତ ହେବ। ଏହାକୁ କୁଳାଧିପତି ତଥା ରାଜ୍ୟପାଳ ଡ. ଏସ.ସି. ଜମିର ଉଦ୍‌ଘାଟନ କରିବେ। ବୈଷୟିକ ଶିକ୍ଷାରେ ଉତ୍କର୍ଷତା, ଗବେଷଣା ପାଇଁ ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଭିସୁଟରେ ଏହି ସୁବିଧା କାର୍ଯ୍ୟକ୍ଷମ ହେବ। ଉଚ୍ଚକ୍ଷମତା ସମ୍ପନ୍ନ ଓ ଦ୍ରୁତ ସୂଚନା ସଂଗ୍ରହ ଏବଂ ଆଦାନପ୍ରଦାନ ପାଇଁ ଏହି ସୁପର କମ୍ପ୍ୟୁଟର ସହାୟକ ହେବ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସି-ଡାକ୍ ତଥା ଭିଏସଏସୟୁଟିର ମିଳିତ ଉଦ୍ୟମରେ ଏହି ସୁପର କମ୍ପ୍ୟୁଟର ସ୍ଥାପନ କରାଯାଉଛି ବୋଲି କୁଳପତି ପ୍ରଫେସର ଇ ସାଇବାବା ରେଡ୍ଡୀ ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିରେ ଅତ୍ୟାଧୁନିକ ଇନ୍‌ଟେଲ ପ୍ରୋସେସର, ୬୪ ଜିବି ର୍‍ୟାମ, ୮ଟିବି ଷ୍ଟୋରେଜ, ଇନ୍‌ଟେଲ ଟୁଲ୍ସ ପ୍ରଭୃତି ଏକ୍ସେଲେରେଟର ବ୍ୟବସ୍ଥା ଓ ସଫ୍ଟୱେୟାର ରହିଛି। ବାୟୋ ଟେକ୍ନୋଲୋଜି, ଗଣିତ, ପଦାର୍ଥ ବିଜ୍ଞାନ, କମ୍ପ୍ୟୁଟେସନାଲ ରସାୟନ ବିଜ୍ଞାନ, ସିଭିଲ ଓ ଇଲେକ୍ଟ୍ରୋନିକ୍ସ ପାଠ୍ୟକ୍ରମ ପାଇଁ ଏହି କମ୍ପ୍ୟୁଟର ସହାୟକ ହେବ। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ବିଶ୍ୱସ୍ତରରେ ପ୍ରତିଯୋଗିତା ପାଇଁ ଆହୁରି ସକ୍ଷମ ହୋଇପାରିବେ। ଏହାର ଲାଭ ଉଭୟ ଅଧ୍ୟାପକଙ୍କୁ ଶିକ୍ଷାଦାନ ଓ ଛାତ୍ରଛାତ୍ରୀଙ୍କ ଅଧ୍ୟୟନରେ ସହାୟକ ହୋଇପାରିବ ବୋଲି ପ୍ରଫେସର ରେଡ୍ଡୀ ସୂଚନା ଦେଇଛନ୍ତି।

ସମାବର୍ତ୍ତନ ଉତ୍ସବ ବାବଦରେ କୁଳପତି ଡ. ରେଡ୍ଡୀ କହିଲେ ଯେ, ଏଥିରେ ପୂର୍ବତନ ରାଜ୍ୟପାଳ ଏମଏମ୍ ରାଜେନ୍ଦ୍ରନ୍ ମୁଖ୍ୟଅତିଥି ରୂପେ ଯୋଗଦେବେ। ସମାରୋହରେ ଡିଆରଡିଓର ମିଜାଇଲ ସିଷ୍ଟମର ମହାନିର୍ଦ୍ଦେଶକ ତଥା ପ୍ରତିରକ୍ଷା ମନ୍ତ୍ରୀଙ୍କ ବିଜ୍ଞାନ ପରାମର୍ଶଦାତା ଡ. ସତୀଶ ରେଡ୍ଡୀ ଓ ଓଡ଼ିଶା ଦକ୍ଷତା ବିକାଶ ମିଶନର ଅଧକ୍ଷ ସୁବ୍ରତୋ ବାଗ୍‌ଚିଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯିବ। ଏଥିରେ ପୁରାତନ ଛାତ୍ର ତଥା ରାଜ୍ୟ ପୂର୍ତ୍ତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ନଳିନୀ କାନ୍ତ ପ୍ରଧାନଙ୍କୁ ମଧ ସମ୍ମାନିତ କରାଯିବ। ସେହିଭଳି ୧୧୧୪ ଜଣ ଛାତ୍ରଛାତ୍ରୀ ପିଏଚ୍‌ଡ଼ି ଓ ଅନ୍ୟାନ୍ୟ ଡିଗ୍ରୀ ପାଇବେ। ୨୫ ଜଣଙ୍କୁ ବିଭିନ୍ନ ବିଭାଗରେ ଉତ୍କର୍ଷତା ପାଇଁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ଡ. ରେଡ୍ଡୀ କହିଲେ ଯେ, ବିଶ୍ୱବିଦ୍ୟାଳୟର ପ୍ରଡ୍‌କ୍ସନ ଇଞ୍ଜିନିୟରିଂ, ଆଇଟି ବିଭାଗକୁ ୨୦୧୯-୨୦, କମ୍ପ୍ୟୁଟର ଆପ୍ଲିକେସନ, ପାୱାର ସିଷ୍ଟମ ଇଞ୍ଜିନିୟରିଂ ଓ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗକୁ ୨୦୧୮-୧୯ ପର୍ଯ୍ୟନ୍ତ ମର୍ଯ୍ୟାଦା ଜନକ ଏନ୍‌ବିଏ ସ୍ୱୀକୃତି ମିଳିଛି। ଇତିମଧ୍ୟରେ ବିଶ୍ୱବିଦ୍ୟାଳୟରେ ୩୦ ଜଣ ନୂତନ ଅଧ୍ୟାପକ ଯୋଗ ଦେଇଛନ୍ତି। ୧୩ କୋଟି ଟଙ୍କାରେ ନୂତନ ଉପକରଣ ସହିତ ଲାବୋରେଟୋରୀ ଗୁଡ଼ିକୁ ଉନ୍ନୀତ କରାଯାଉଛି। କେମିକାଲ ଇଞ୍ଜିନିୟରିଂ, ମେଟାଲର୍ଜି, ମେଟେରିଆଲ ଇଞ୍ଜିନିୟରିଂ ଓ ସ୍ଥାପତ୍ୟ ବିଭାଗରେ ନୂଆ ଲାବୋରେଟୋରୀ ବିକଶିତ କରାଯାଇଛି। ୨୬ ଜଣ ଏମଟେକ୍ ଓ ୧୦ ଜଣ ପିଏଚ୍‌ଡ଼ି ଗବେଷକଙ୍କୁ ସ୍କଲାରସିପ ମଞ୍ଜୁର କରାଯାଇଛି। ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗରେ ୧୭ଟି ଗବେଷଣା ପ୍ରକଳ୍ପ ଉପରେ କାର୍ଯ୍ୟ ଚାଲିଥିବା ବେଳେ ପିଏଚ୍‌ଡ଼ି ପାଇଁ ୫୪ ଜଣ ସାମିଲ ହୋଇଛନ୍ତି। ଅଧ୍ୟାପକମାନେ ବିଭିନ୍ନ ବିଶ୍ୱବିଦ୍ୟାଳୟର ୧୫ଟି ପିଏଚ୍‌ଡ଼ି ନିବନ୍ଧକୁ ମାର୍ଗଦର୍ଶନ କରିଛନ୍ତି। ୧୩୫ ଜଣ ଅଧ୍ୟାପକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସେମିନାର ଗୁଡ଼ିକରେ ଭାଗ ନେଇ ପୁରସ୍କୃତ ହୋଇଛନ୍ତି।

ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ଓଡ଼ିଶା ସରକାର, ୟୁଜିସି ଭଳି ସୂତ୍ରରୁ ୪୭.୭୫ କୋଟି ଟଙ୍କା ଅନୁଦାନ ପାଇଛି। ସେହିଭଳି ବିଶ୍ୱବିଦ୍ୟାଳୟର ୭ ଜଣ ଅଧ୍ୟାପକ ପିଏଚ୍‌ଡ଼ି ଡିଗ୍ରୀ ହାସଲ କରିଛନ୍ତି। ଅଧ୍ୟାପକ ଡ ଏ.କେ. ପଣ୍ଡାଙ୍କ ରସାୟନ ବିଜ୍ଞାନ ବିଭାଗର ଏକ ପ୍ରସଙ୍ଗ ପେଟେଣ୍ଟଲାଭ କରିଛି। ଛାତ୍ର ବୋଧିସତ୍ତ୍ୱ ସଂଘପ୍ରିୟଙ୍କ ନେତୃତ୍ୱରେ ୨୦ ଜଣ ଛାତ୍ରଛାତ୍ରୀଙ୍କ ଏକ ଦଳ ବ୍ରିକ୍ସର ପ୍ରଥମ ଏସିଆନ୍ ଆନ୍ତମହାବିଦ୍ୟାଳୟ ରକେଟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହାଛଡ଼ା ଇସ୍ରୋ ଦ୍ୱାରା ଶ୍ରୀହରିକୋଟାରେ ଆୟୋଜିତ ପ୍ରତିଯୋଗିତାରେ ଏହି ଦଳ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଛାତ୍ର ସଂଘପ୍ରିୟ ଓ ଅପୂର୍ବ ମାସୁକ୍ ଗତକାଲି ଋଷିଆରେ ଉଦ୍‌ଯାପିତ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଛନ୍ତି।

ଚଳିତ ବର୍ଷ ୨୩ଟି କମ୍ପାନୀ ବିଶ୍ୱବିଦ୍ୟାଳୟକୁ ଆସିଥିବା ବେଳେ କ୍ୟାମ୍ପସ ସିଲେକ୍ସନରେ ୫୦୪ ଜଣ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ପ୍ରଦାନ କରିଥିବା କୁଳପତି ପ୍ରଫେସର ସାଇବାବା ରେଡ୍ଡୀ କହିଥିଲେ। ଏହା ସହିତ କୁଳପତି ପ୍ରଫେସର ରେଡ୍ଡୀଙ୍କ ନାମରେ ଲଗାଯାଇଥିବା ଆରୋପକୁ କୁଳପତି ଖଣ୍ଡନ କରିବା ସହିତ ଯେକୌଣସି ପ୍ରକାର ଯାଞ୍ଚକୁ ସେ ସ୍ୱାଗତ କରିବେ ବୋଲି ସ୍ପଷ୍ଟିକରଣ ଦେଇଥିଲେ। ସାମ୍ବାଦିକ ସମ୍ମିଳନୀରେ କୁଳପତି ପ୍ରଫେସର ରେଡ୍ଡୀଙ୍କ ସହିତ ଭିସୁଟର ଡିନ ପ୍ରଫେସର ଦେବୁଦତ୍ତ ମିଶ୍ର, ପ୍ରଫେସର ପ୍ରକାଶ ଚନ୍ଦ୍ର ସ୍ୱାଇଁ, ପ୍ରଫେସର ଅମରନାଥ ନାୟକ, କୁଳସଚିବ ପ୍ରଦୀପ କୁମାର ପ୍ରଧାନ, ପ୍ରଦୀପ କୁମାର ଦାସ, ପ୍ରଫେସର ପ୍ରବୀଣ କୁମାର କର, ପ୍ରଫେସର ପ୍ରକାଶ କୁମାର ହୋତା, ଶରତ କୁମାର ସ୍ୱାଇଁ, ରାକେଶ ମହାନ୍ତି, ଗଣେଶ୍ୱର ନାଥ ପ୍ରମୁଖ ଉପସ୍ଥିତ ଥିଲେ।

## ଭିସୁଟକୁ ଆଇଆଇଇଏସଟି ମାନ୍ୟତା ଦାବି

ସମ୍ବଲପୁର,୨୩।୧୦(ସିଟି): ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ)କୁ ଭାରତୀୟ ପ୍ରୋଦ୍ୟୋଗିକୀ ବିଜ୍ଞାନ ଓ ବୈଷୟିକ ସଂସ୍ଥାନ(ଆଇଆଇଇଏସଟି) ରୂପେ ଅପଗ୍ରେଡ କରିବା ପାଇଁ ସାଂସଦ ନଗେନ୍ଦ୍ର ପ୍ରଧାନ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାବେଡକରଙ୍କୁ ପତ୍ର ମାଧମରେ ଅନୁରୋଧ କରିଛନ୍ତି। ଭିସୁଟ ରାଜ୍ୟର ପ୍ରମୁଖ ଇଞ୍ଜିନିୟରିଂ ସଂସ୍ଥାନ ହୋଇଥିବା ବେଳେ ଏହାର ସମସ୍ତ ଭିତ୍ତିଭୂମି ଓ ଆବଶ୍ୟକ ଶିକ୍ଷକ ଅଛନ୍ତି। ଏଣୁ ଆଇଆଇଇଏସଟି ସଂସ୍ଥାନ ରୂପେ ମାନ୍ୟତା ପାଇବା ପାଇଁ ଏହା ସବୁ ପ୍ରକାରର ମାନଦଣ୍ଡ ପୂରଣ କରୁଛି। ଏହି ସଂସ୍ଥାନର ପରିସର ୨୦୩ ଏକର ଅଞ୍ଚଳରେ ବିସ୍ତୃତ ଥିବା ବେଳେ ଏହାକୁ ୫୦୩ ଏକର ପର୍ଯ୍ୟନ୍ତ ବିସ୍ତାର କରିହେବ। ଏହା ରାଜ୍ୟର ପ୍ରଥମ କଲେଜ ଭାବରେ ୧୯୮୯ରେ ୟୁଜିସି ଠାରୁ ସ୍ୱୟଂଚାଳିତ କଲେଜର ମାନ୍ୟତା ପାଇଥିବା ବେଳେ ୨୦୦୯ରେ ଏହାକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିଥିଲା। ତେବେ ଏହାକୁ ଆଇଆଇଇଏସଟି ମାନ୍ୟତା ପ୍ରଦାନ କରାଗଲେ ଗବେଷଣା କ୍ଷେତ୍ରରେ ଅଧିକ ସୁଯୋଗ ସୃଷ୍ଟି ହେବା ସହ ଏହା ଦ୍ୱାରା ଦେଶର ବିକାଶକୁ ମଧ ଗତି ମିଳିବ। ଏଣୁ ଭିସୁଟକୁ ଆଇଆଇଇଏସଟି ମାନ୍ୟତା ଦେବାପାଇଁ ସାଂସଦ ଶ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

SAMBAD
ସମ୍ବାଦ
PRINTED AT BHUBANESWAR BALASORE JEYPORE BARGARH

# ଭିସୁଟରେ 'ପରମ ଶବକ' ସୁପର କମ୍ପ୍ୟୁଟିଙ୍ଗ ସୁବିଧା

ସମ୍ବଲପୁର, ୨୩।୧୦ (ଇମିସ): ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ମଙ୍ଗଳବାର ହେବାକୁ ଥିବା ଏହାର ନବମ ସମାବର୍ତ୍ତନ ଉତ୍ସବରେ ପରମ ଶବକ ସୁପର କଂପ୍ୟୁଟିଙ୍ଗ ଫ୍ୟାସିଲିଟି ଲୋକାର୍ପଣ ହେବ। ଏହାକୁ କୁଳାଧିପତି ତଥା ରାଜ୍ୟପାଳ ଡ. ଏସ.ସି.ଜମିର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଉଦ୍‌ଘାଟନ କରିବେ।

**ଋଷିଆ ବିଶ୍ୱ ଯୁବ ଉତ୍ସବରେ ବାଜି ମାରିଲେ ଓଡ଼ିଆ ଛାତ୍ର**

ବୈଷୟିକ ଶିକ୍ଷାରେ ଉତ୍କର୍ଷତା, ଗବେଷଣା ପାଇଁ ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଭିଏସଏସ୍‌ୟୁଟିରେ ଏହି ସୁବିଧା କାର୍ଯ୍ୟକ୍ଷମ ହେବ। ଉଚ୍ଚ କ୍ଷମତା ସଂପନ୍ନ ଓ ଦ୍ରୁତ ସୂଚନା ସଂଗ୍ରହ ଏବଂ ଆଦାନ ପ୍ରଦାନ ପାଇଁ ଏହି ସୁପର କଂପ୍ୟୁଟର ସହାୟକ ହେବ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସି-ଡିଏସି ତଥା ଭିଏସଏସୟୁଟିର ମିଳିତ ଉଦ୍ୟମରେ ଏହି ସୁପର କଂପ୍ୟୁଟର ସ୍ଥାପନ କରାଯାଉଛି ବୋଲି କୁଳପତି ଡ. ଇ. ସାଇବାବା ରେଡ୍ଡି ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିରେ ଅତ୍ୟାଧୁନିକ ଇନ୍‌ଟେଲ ପ୍ରୋସେସର, ୬୪ଜିବି ର୍‍ୟାମ, ୮ଟିବି ଷ୍ଟୋରେଜ, ଇନ୍‌ଟେଲ ଟୁଲ୍ସ ପ୍ରଭୃତି ଏକ୍ସେଲେରେଟର ବ୍ୟବସ୍ଥା ଓ ସଫ୍ଟୱେୟାର ରହିଛି। ବାୟୋ ଟେକ୍ନୋଲୋଜି, ଗଣିତ, ପଦାର୍ଥ ବିଜ୍ଞାନ, କମ୍ପ୍ୟୁଟେସନାଲ ରସାୟନ ବିଜ୍ଞାନ, ସିଭିଲ ଓ ଇଲେକ୍ଟ୍ରୋନିକ୍ସ ପାଠ୍ୟକ୍ରମ ପାଇଁ ଏହି କଂପ୍ୟୁଟର ସହାୟକ ହେବ। ଏହା ଦ୍ୱାରା ଛାତ୍ରଛାତ୍ରୀମାନେ ବିଶ୍ୱସ୍ତରରେ ପ୍ରତିଯୋଗିତା ➡୭

## ଭିସୁଟରେ 'ପରମ...

ପାଇଁ ଆହୁରି ସକ୍ଷମ ହୋଇପାରିବେ। ଅପରପକ୍ଷରେ ଭିସୁଟ୍‌ରେ ଛାତ୍ରମାନେ ୨୨ ଅକ୍ଟୋବରରେ ଋଷିଆରେ ଉଦ୍‌ଯାପିତ ହୋଇଥିବା ବିଶ୍ୱ ଯୁବ ଉତ୍ସବରେ ୨୫୦୦ ପ୍ରତିଯୋଗୀଙ୍କୁ ପଛରେ ପକାଇ 'ଯୁବ ତାରକା (ଯୁଥ୍ ଷ୍ଟାର) ପୁରସ୍କାର ହାସଲ କରିବାରେ ସଫଳ ହୋଇଛନ୍ତି ବୋଲି ସେ କହିଛନ୍ତି।

ସମାବର୍ତ୍ତନ ଉତ୍ସବ ବାବଦରେ କୁଳପତି ଡ. ରେଡ୍ଡି କହିଲେ ଯେ, ଏଥିରେ ପୂର୍ବତନ ରାଜ୍ୟପାଳ ଏମ୍‌ଏମ୍ ରାଜେନ୍ଦ୍ରନ୍ ମୁଖ୍ୟ ଅତିଥି ରୂପେ ଯୋଗଦେବେ। ସମାରୋହରେ ଡିଆରଡିଓର ମିଶାଇଲ ସିଷ୍ଟମର ମହାନିର୍ଦ୍ଦେଶକ ତଥା ପ୍ରତିରକ୍ଷା ମନ୍ତ୍ରୀଙ୍କ ବିଜ୍ଞାନ ପରାମର୍ଶଦାତା ଡ. ସତୀଶ ରେଡ୍‌ଡି ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରୋତୋ ବାଗ୍‌ଚିଙ୍କୁ ସମ୍ମାନ ସୂଚକ ଡକ୍ଟରେଟ ଡିଗ୍ରି ପ୍ରଦାନ କରାଯିବ। ଏଥିରେ ପୁରାତନ ଛାତ୍ର ତଥା ରାଜ୍ୟ ପୂର୍ତ୍ତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ନଳିନୀ କାନ୍ତ ପ୍ରଧାନଙ୍କୁ ସମ୍ମାନିତ କରାଯିବ। ସେହିଭଳି ୧୧୧୪ ଜଣ ଛାତ୍ରଛାତ୍ରୀ ପିଏଚଡି ଓ ଅନ୍ୟାନ୍ୟ ଡିଗ୍ରି ପ୍ରାପ୍ତ କରିବେ। ୨୫ ଜଣଙ୍କୁ ବିଭିନ୍ନ ବିଭାଗରେ ଉତ୍କର୍ଷତା ପାଇଁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ସେ ଆହୁରି କହିଲେ, ବିଶ୍ୱବିଦ୍ୟାଳୟର ପ୍ରଡ଼କ୍ସନ ଇଞ୍ଜିନିୟରିଂ, ଆଇଟି ବିଭାଗକୁ ୨୦୧୯-୨୦, କଂପ୍ୟୁଟର ଆପ୍ଲିକେସନ, ପାୱାର ସିଷ୍ଟମ ଇଞ୍ଜିନିୟରିଂ ଓ କଂପ୍ୟୁଟର ସାଇନ୍ସ ଏଣ୍ଡ ଇଞ୍ଜିନିୟରିଂ ବିଭାଗକୁ ୨୦୧୮-୧୯ ପର୍ଯ୍ୟନ୍ତ ମର୍ଯ୍ୟାଦାଜନକ ଏନ୍‌ବିଏ ସ୍ୱୀକୃତି ମିଳିଛି। ଇତିମଧ୍ୟରେ ବିଶ୍ୱବିଦ୍ୟାଳୟରେ ୩୦ଜଣ ନୂତନ ଅଧ୍ୟାପକ ଯୋଗ ଦେଇଛନ୍ତି। ୧୩ କୋଟି ଟଙ୍କାରେ ନୂତନ ଉପକରଣ ସହିତ ଲେବୋରେଟୋରିଗୁଡ଼ିକୁ ଉନ୍ନୀତ କରାଯାଉଛି। କେମିକାଲ ଇଞ୍ଜିନିୟରିଂ, ମେଟାଲର୍ଜି, ମେଟାରିଆଲ ଇଞ୍ଜିନିୟରିଂ ଓ ସ୍ଥାପତ୍ୟ ବିଭାଗରେ ନୂଆ ଲେବୋରେଟୋରି ବିକଶିତ କରାଯାଇଛି। ୨୬ ଜଣ ଏମଟେକ୍ ଓ ୧୦ ଜଣ ପିଏଚଡି ଗବେଷକଙ୍କୁ ସ୍କଲାରସିପ ମଞ୍ଜୁର କରାଯାଇଛି। ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗରେ ୧୭ଟି ଗବେଷଣା ପ୍ରକଳ୍ପ ଉପରେ କାର୍ଯ୍ୟ ଚାଲିଥିବା ବେଳେ ପିଏଚଡି ପାଇଁ ୫୪ ଜଣ ସାମିଲ ହୋଇଛନ୍ତି। ଅଧ୍ୟାପକମାନେ ବିଭିନ୍ନ ବିଶ୍ୱବିଦ୍ୟାଳୟର ୧୫ଟି ପିଏଚଡି ନିବନ୍ଧକୁ ଗାଇଡ୍ କରିଛନ୍ତି। ୧୩୫ ଜଣ ଅଧ୍ୟାପକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସେମିନାରଗୁଡ଼ିକରେ ଭାଗନେଇ ପୁରସ୍କୃତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ଓଡ଼ିଶା ସରକାର, ୟୁଜିସି ଭଳି ସୂତ୍ରରୁ ୪୭.୭୫ କୋଟି ଟଙ୍କା ଅନୁଦାନ ପାଇଛି। ସେହିଭଳି ବିଶ୍ୱବିଦ୍ୟାଳୟର ୭ଜଣ ଅଧ୍ୟାପକ ପିଏଚଡି ଡିଗ୍ରି ହାସଲ କରିଛନ୍ତି। ଅଧ୍ୟାପକ ଡ. ଏ.କେ.ପଣ୍ଡାଙ୍କ ରସାୟନ ବିଜ୍ଞାନ ବିଭାଗର ଏକ ପ୍ରସଙ୍ଗ ପେଟେଣ୍ଟ ଲାଭ କରିଛି। ଏହାର ଛାତ୍ର ବୋଧିସତ୍ତ୍ୱ ସଂଘପ୍ରିୟଙ୍କ ନେତୃତ୍ୱରେ ୨୦ ଜଣ ଛାତ୍ରଛାତ୍ରୀଙ୍କ ଏକ ଦଳ ବ୍ରିକ୍ସର ପ୍ରଥମ ଏସିଆନ୍, ଆନ୍ତଃମହାବିଦ୍ୟାଳୟ ରକେଟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହାଛଡ଼ା ଇସ୍ରୋ ଦ୍ୱାରା ଶ୍ରୀହରିକୋଟାରେ ଆୟୋଜିତ ପ୍ରତିଯୋଗିତାରେ ଏହି ଦଳ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଛାତ୍ର ସଂଘପ୍ରିୟ ଏବଂ ଅପୂର୍ବ ମାସୁକ୍ ୧୧ରୁ ୨୨ ଅକ୍ଟୋବର ପର୍ଯ୍ୟନ୍ତ ଋଷିଆରେ ଅନୁଷ୍ଠିତ ବିଶ୍ୱ ଯୁବ ଉତ୍ସବରେ ଭାରତ ପ୍ରତିନିଧିତ୍ୱ କରିଥିଲେ। ଏହି ପ୍ରତିଯୋଗିତାରେ ସେମାନଙ୍କ 'ରକେଟ୍ ଲଂଚର୍' ପ୍ରକଳ୍ପ ପ୍ରଥମ ସ୍ଥାନ ହାସଲ କରି 'ଯୁବ ତାରକା'(ଯୁଥ ଷ୍ଟାର) ପୁରସ୍କାର ପାଇଛି। ଚଳିତ ବର୍ଷ ୨୩ଟି କଂପାନି କ୍ୟାମ୍ପସ ଚୟନ ପାଇଁ ବିଶ୍ୱବିଦ୍ୟାଳୟକୁ ଆସିଥିବା ବେଳେ ୫୦୪ଜଣ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ପ୍ରଦାନ କରିଥିବା ଡ.ରେଡ୍‌ଡି ସୂଚନା ଦେଇଛନ୍ତି। କୁଳସଚିବ ପ୍ରଫେସର ପ୍ରଦୀପ ପ୍ରଧାନ, ପ୍ରଫେସର ପି.ସି.ସ୍ୱାଇଁ ପ୍ରମୁଖ

ପ୍ରମେୟ
THE PRAMEYA
PRINTED AT BHUBANESWAR SAMBALPUR PANIKOILI
RNI REGD NO: ODIODI/2011/37619 - POSTAL REGD NO: BN/208/15-17

# ଭିଏସ୍‌ଏସ୍‌ୟୁଟିର ୯ମ ସମାବର୍ତ୍ତନ ଉତ୍ସବ ଆଜି



- ଆସିବେନି ରାଜ୍ୟପାଳ, ଭିଡିଓ କନ୍‌ଫରେନସିଂ ଜରିଆରେ ଉଦ୍‌ଘାଟନ କରିବେ ସୁପର୍ କମ୍ପ୍ୟୁଟର
- ଏଥର ୨୫ଜଣଙ୍କୁ ଗୋଲ୍ଡ ମେଡାଲ

ବୁର୍ଲା,୨୩।୧୦(ଆପ୍ର): ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ୟୁନିଭରସିଟି ଅଫ୍ ଟେକ୍‌ନୋଲୋଜି (ଭିସୁଟ)ର ୯ମ ସମାବର୍ତନ ଉତ୍ସବ ଆସନ୍ତାକାଲି ଅନୁଷ୍ଠିତ ହେବ। ଏନେଇ ଭିସୁଟ କୁଳପତିଙ୍କ କନଫରେନ୍ସ ହଲରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କୁଳପତି ସମାବର୍ତ୍ତନ ଉତ୍ସବ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ମଙ୍ଗଳବାର ହେବାକୁ ଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଏମ୍.ଏମ୍ ରାଜେନ୍ଦ୍ରନ୍ ଯୋଗଦେବାକୁ ଥିବା ବେଳେ ଭାରତ ସରକାରଙ୍କ ରକ୍ଷାମନ୍ତ୍ରୀଙ୍କ ବିଜ୍ଞାନ ଉପଦେଷ୍ଟା ଡ. ଜି. ସତୀଶ ରେଡ୍ଡୀ, ଓଡ଼ିଶା ସ୍କିଲ ଡେଭ୍‌ଲପ୍‌ମେଣ୍ଟ ଅଥରିଟି ଚେୟାରମ୍ୟାନ ସୁବ୍ରତୋ ବାକରୀ, ଭିସୁଟ କୁଳପତି ଇ. ସାଇବାବା ରେଡ୍ଡି ଓ ପୁନେସ୍ଥିତ ସିଡାକ୍‌ର ଏକ୍ସିକ୍ୟୁଟିଭ୍ ଡାଇରେକ୍ଟର ଡ. ହେମନ୍ତ ଦରବାରୀ ଅତିଥି ଭାବେ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

ଏହି ଅବସରରେ ଏକ ସୁପର କମ୍ପ୍ୟୁଟରର ଉଦ୍‌ଘାଟନ କରାଯିବ। ଆଗରୁ ଧାର୍ଯ୍ୟ ହୋଇଥିବା ବର୍ତମାନର ରାଜ୍ୟପାଳ ତଥା କୁଳାଧିପତି ଡ. ଏସ୍.ସି ଜମିର କୌଣସି କାରଣରୁ ଏହି ଉତ୍ସବରେ ଯୋଗଦେଇ ପାରୁନଥିବା ଜଣାପଡ଼ିଛି। ଫଳରେ ରାଜଭବନରୁ ସେ ଭିଡ଼ିଓ କନ୍‌ଫରେନ୍‌ସିଂ ଜରିଆରେ ସୁପର କମ୍ପ୍ୟୁଟର 'ପରମ ସବକ'ର ଉଦଘାଟନ କରିବେ। ଏହି ଅବସରରେ ଡ. ଜି. ସତୀଶ ରେଡ୍ଡୀ ଓ ସୁବ୍ରତୋ ବାକରୀଙ୍କୁ ସମ୍ମାନଜନକ ଡକ୍ଟରେଟ ଉପାଧିରେ ସମ୍ମାନୀତ କରାଯିବା କାର୍ଯ୍ୟକ୍ରମ ରହିଛି। ସେହିପରି ସର୍ବଶ୍ରେଷ୍ଠ ଆଲୁମିନି ପୁରସ୍କାର ଇଞ୍ଜିନିୟର-ଇନ୍-ଚିଫ୍ ଇଂ. ନଳିନୀକାନ୍ତ ପ୍ରଧାନଙ୍କୁ ଦିଆଯିବା ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମରେ ମୋଟ ୧୧୧୪ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ସେଥିମଧ୍ୟରୁ ବିଟେକ୍‌ର ୮୦୪ ଜଣଙ୍କୁ, ଏମ୍‌ଟେକ୍‌ର ୨୨୯, ଏମ୍‌ଏସ୍‌ସିରେ ୩୩, ଏମସିଏରେ ୩୪, ଏମ୍‌ଫିଲ୍‌ରେ ୫, ପିଏଚ୍‌ଡିରେ ୯ ଜଣଙ୍କୁ ଡିଗ୍ରୀ ଉପାଧି ପ୍ରଦାନ କରାଯିବ। ମୋଟ ୨୫ ଜଣଙ୍କୁ ସେମାନଙ୍କ ବିଭାଗରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ଗୋଲ୍ଡ ମେଡ଼ାଲ ଦିଆଯିବ। ସେଥିରେ ଭିସୁଟ୍ ତରଫରୁ ୧୮ଟି ଓ ବିଭିନ୍ନ ସଂଗଠନ ତରଫରୁ ମିଳିଥିବା ୭ଟି ଗୋଲ୍ଡ ମେଡ଼ାଲ ସାମିଲ ରହିଛି। ସେହିପରି ଚଳିତ ଶିକ୍ଷାବର୍ଷରୁ ୫ଟି ପାଠକ୍ରମକୁ ଏନବିଏ ମାନ୍ୟତା ମିଳିଛି କୁଳପତି ସୂଚନା ଦେଇଛନ୍ତି।

ସମ୍ବାଦ

## ଭିସୁଟର ସମାବର୍ତ୍ତନ ଉତ୍ସବ

# 'ଦେଶର ଭବିଷ୍ୟତ ପାଇଁ ବିମୁଦ୍ରାୟନ, ଜିଏସ୍‌ଟି ଉପାଦେୟ'



ଉତ୍ସବରେ ମଞ୍ଚାସୀନ ମୁଖ୍ୟ ଅତିଥି ପୂର୍ବତନ ରାଜ୍ୟପାଳ ଏମ୍.ଏମ୍.ରାଜେନ୍ଦ୍ରନ ଓ ଅନ୍ୟମାନେ



ସମ୍ମାନିତ ବ୍ୟକ୍ତିତ୍ୱ: (ବାମରୁ) ସୁବ୍ରତ ବାଗ୍‌ଚି, ଜି.ସତୀଶ ରେଡ୍ଡି ଓ ଡ଼.ନଳିନୀକାନ୍ତ ପ୍ରଧାନ

ବୁର୍ଲା, ୨୪।୧୦(ଇମିସ): ଦେଶର ଅର୍ଥନୈତିକ ଅଭିବୃଦ୍ଧି ବର୍ତ୍ତମାନ ୯ ରୁ ୬.୭ ପ୍ରତିଶତକୁ ହ୍ରାସ ପାଇଛି। ବିଶ୍ୱ ସ୍ତରରେ ମାନ୍ଦାବସ୍ଥା ଏହାର ଅନ୍ୟତମ କାରଣ ହୋଇଥିଲେ ବି ବିମୁଦ୍ରାୟନ ଓ ଜିଏସ୍‌ଟିର ପ୍ରଭାବ ପ୍ରମୁଖ କାରଣ ବୋଲି ଜଣାପଡ଼ିଛି। କଳା ଟଙ୍କାକୁ ଫେରାଇ ଆଣିବା, ଆର୍ଥିକ ଦୁର୍ନୀତିକୁ ରୋକାଯିବା, ଡିଜିଟାଲ ଅର୍ଥ ବିନିମୟ ଓ ଖଜଣା ଆଦାୟ ବ୍ୟବସ୍ଥାକୁ ମୁଖ୍ୟଧାରାକୁ ଆଣିବା ପାଇଁ ପ୍ରଧାନମନ୍ତ୍ରୀ ପ୍ରାରମ୍ଭିକ ପଦକ୍ଷେପ ନେଇଥିଲେ। ଏହା ଉପରେ ସମାଲୋଚନା ହୋଇଥିଲେ ମଧ୍ୟ ଏହାର ଉପାଦେୟତା ଜାଣିବା ଜରୁରୀ ବୋଲି ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ନବମ ସମାବର୍ତ୍ତନ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଓଡ଼ିଶାର ପୂର୍ବ ରାଜ୍ୟପାଳ ଏମ୍‌ଏମ୍ ରାଜେନ୍ଦ୍ରନ କହିଛନ୍ତି। ସେ ଆହୁରି କହିଥିଲେ ଯେ ଦୁର୍ନୀତିକୁ ରୋକିବା ଓ ଦେଶର ଭବିଷ୍ୟତ ଅଭିବୃଦ୍ଧିକୁ ବଜାୟ ରଖିବା ପାଇଁ ଏଭଳି ପଦକ୍ଷେପ ଜରୁରୀ ଥିଲା। ଜିଏସ୍‌ଟି ପ୍ରଚଳନ ଏକ ସାହାସିକ ପଦକ୍ଷେପ। ଏହା ପ୍ରତ୍ୟାହାର କରିବାର କୌଣସି କାରଣ ନଥିବା ଦର୍ଶାଇ ଏହାଦ୍ୱାରା ସୃଷ୍ଟ ସମସ୍ୟା ଗୁଡ଼ିକର ସମାଧାନ ଖୋଜିବାକୁ ରାଜେନ୍ଦ୍ରନ ଗୁରୁତ୍ୱାରୋପ କରିଥିଲେ।

- ସୁବ୍ରତ ବାଗ୍‌ଚି ଏବଂ ଜି.ସତୀଶ ରେଡ୍ଡିଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍
- ଇଂ ନଳିନୀକାନ୍ତ ପ୍ରଧାନଙ୍କୁ ସ୍ୱତନ୍ତ୍ର ଆଲୁମିନି ଆୱାର୍ଡ

କୁଳପତି ପ୍ରଫେସର ଡ଼ଂ ସାଇବାବା ରେଡ୍ଡିଙ୍କ ଅଧ୍ୟକ୍ଷତାରେ ସାର୍ ବିଶ୍ୱେଶ୍ୱରାୟ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ଉତ୍ସବରେ ଭିସୁଟ୍ ପକ୍ଷରୁ ଡିଆରଡିଓ ଡାଇରେକ୍ଟର ଜେନେରାଲ ଜି ସତୀଶ ରେଡ୍ଡି ଏବଂ ଓଡ଼ିଶା ସ୍କିଲ ଆଣ୍ଡ ଡେଭଲପମେଣ୍ଟ ଅଥରିଟିର ଅଧ୍ୟକ୍ଷ ସୁବ୍ରତ ବାଗଚିଙ୍କୁ ବିଜ୍ଞାନ କ୍ଷେତ୍ରରେ ସମ୍ମାନ ସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିଲା। ପ୍ରତିଷ୍ଠାନର ଆଲୁମିନି ରାଜ୍ୟ ପୂର୍ତ୍ତ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ତଥା ସଚିବ ଇଂ. ନଳିନୀକାନ୍ତ ପ୍ରଧାନଙ୍କୁ ସ୍ୱତନ୍ତ୍ର ଆଲୁମିନି ଆୱାର୍ଡ ପ୍ରଦାନ କରାଯାଇଥିଲା। ଏହା ସହିତ ୯ଜଣ ଗବେଷକ ସୌମେନ୍ଦ୍ର ମହାନ୍ତି (ସିଭିଲ ଇଂଜିନିୟରିଂ), ବିଘ୍ନରାଜ ନାଏକ, ଜନ୍ମଜୟ ନାଏକ, ପ୍ରଭୁଦତ୍ତ ମହାନ୍ତି (କମ୍ପ୍ୟୁଟର ସାଇନ୍ସ ଏଣ୍ଡ ଇଂଜିନିୟରିଂ), ସସ୍ମିତା ବେହେରା, ତଳସୀ ଚନ୍ଦ୍ରଶେଖର ଗୋରିଗୋଟୁ, ସବିତା ଚଉନି (ଇଲେକ୍ଟ୍ରିକାଲ ଇଂଜିନିୟରିଂ), ମନୋଜ ନାଏକ (ଇଲେକ୍ଟ୍ରୋନିକ୍ସ ଏଣ୍ଡ ଟେଲି କମ୍ୟୁନିକେସନ ଇଂଜିନିୟରିଂ) ଏବଂ ବିଶ୍ୱଜିତ ଆଚାର୍ଯ୍ୟ (କେମେଷ୍ଟ୍ରି)ଙ୍କୁ ପିଏଚଡି ଡିଗ୍ରି, ୨୨୯ ଜଣଙ୍କୁ ଏମଟେକ, ୩୪ ଜଣଙ୍କୁ ଏମ୍‌ସିଏ, ୩୩ ଜଣଙ୍କୁ ଏମ୍‌ଏସ୍‌ସି, ୫ ଜଣ ଏମଫିଲ ଏବଂ ୮୦୪ ଜଣ ବିଟେକ ଛାତ୍ରଛାତ୍ରୀଙ୍କୁ ଡିଗ୍ରି ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ମୋଟ ୧୧୧୬ ଜଣ ଗବେଷକ ତଥା ଛାତ୍ରଛାତ୍ରୀ ଡିଗ୍ରି ପାଇଥିବା ବେଳେ ମୋଟ ୨୫ ଜଣ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ଭିସୁଟ କୁଳପତି ପ୍ରଫେସର ରେଡ୍ଡି ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଭାରପ୍ରାପ୍ତ କୁଳସଚିବ ପ୍ରଫେସର ପିକେ ପ୍ରଧାନ ମଞ୍ଚାସୀନ ରହିଥିଲେ। ଏହା ପୂର୍ବରୁ ପୂର୍ତ୍ତ ବିଭାଗ ସଚିବ ଇଂ.ପ୍ରଧାନ ସେଣ୍ଟ୍ରାଲ ଲାଇବ୍ରେରି, ହାଇଡ୍ରଲିକ୍ସ ଫ୍ଲୋ ଲାବ୍ରୋଟରି ଏବଂ ପ୍ର.ରେଡ୍ଡି ସିଭିଲ ଇଂଜିନିୟରିଂ ବିଭାଗ ଓ ଇଲେକ୍ଟ୍ରିକାଲ ଇଂଜିନିୟରିଂ ବିଭାଗର କୋଠା ସଂପ୍ରସାରଣର ଶିଳାପ୍ରସ୍ତର ସ୍ଥାପନ କରିଥିଲେ।

98 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2015-2017
Sambalpur, Wednesday 25 October 2017
ସମ୍ବଲପୁର, ବୁଧବାର ୨୫ ଅକ୍ଟୋବର ୨୦୧୭
ଆଜି ତୁଳା ୯ ଦିନ, ୧୪୨୫ ସାଲ
କାର୍ତ୍ତିକ ୩ ଦିନ, ୧୯୩୯ ଶକାବ୍ଦ, ଶୁକ୍ଳପକ୍ଷ ପଞ୍ଚମୀ
ଭାଗ- ୮୮ ସଂଖ୍ୟା- ୨୯୦
www.thesamaja.com
www.samajaepaper.com
ଟ ୫.୦୦ (୨୦ ପୃଷ୍ଠା)

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
କଟକ | ସମ୍ବଲପୁର | ବିଶାଖାପାଟଣା | କଲକାତା | ରାଉରକେଲା | ଭୁବନେଶ୍ୱର | ବ୍ରହ୍ମପୁର | ବାଲେଶ୍ୱର | ଅନୁଗୋଳ | କୋରାପୁଟରୁ ପ୍ରକାଶିତ

### ଭିସୁଟ୍‌ର ନବମ ସମାବର୍ତ୍ତନ ଉତ୍ସବ

# ସତୀଶ ରେଡ୍ଡୀ, ସୁବ୍ରତ ବାଗଚିଙ୍କୁ ଡକ୍ଟରେଟ



ବୁର୍ଲା,୨୪।୧୦(ନି.ପ୍ର): ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ର ନବମ ସମାବର୍ତ୍ତନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ହଲରେ ଅନୁଷ୍ଠିତ କୁଳପତି ଡ. ଇ.ସାଇବାବା ରେଡ୍ଡୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମାରୋହରେ ପୂର୍ବତନ ରାଜ୍ୟପାଳ ଏମ୍ ଏମ୍ ରାଜେନ୍ଦ୍ରନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସମାରୋହରେ ଯୋଗ ଦେଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଜ୍ଞାନିକ ପରାମର୍ଶଦାତା ଜି.ସତୀଶ ରେଡ୍ଡୀ ଓ ଓଡ଼ିଶା ଦକ୍ଷତା ବିକାଶ ଅଥରିଟିର ଅଧ୍ୟକ୍ଷ ସୁବ୍ରତ ବାଗଚିଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ଏହି ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ରାଜ୍ୟ ପୂର୍ତ୍ତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ତଥା ସଚିବ ନଳିନୀକାନ୍ତ ପ୍ରଧାନଙ୍କୁ କୁଳପତି ପ୍ରଶସ୍ତିପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଏହି ସମାରୋହରେ ୧୧୧୬ ଜଣ ସ୍ନାତକ ଓ ସ୍ନାତକୋତ୍ତର ▶ ପୃଷ୍ଠା ୪

### ସତୀଶ ରେଡ୍ଡୀ...

ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ, ୮ ଜଣଙ୍କୁ ଡକ୍ଟରେଟ ଓ ୨୫ ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି। ଏହି ଅବସରରେ କୁଳାଧିପତି ତଥା ରାଜ୍ୟପାଳଙ୍କ ଦ୍ୱାରା ସୁପର କମ୍ପ୍ୟୁଟିଙ୍ଗ ସୁବିଧା ଉଦ୍‌ଘାଟିତ ହୋଇଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ହାଇଡ୍ରୋଲିକ୍ସ ଫ୍ଲୋ ଲାବୋରେଟୋରୀ ଓ ସେଣ୍ଟ୍ରାଲ ଲାଇବ୍ରେରୀର ସମ୍ପ୍ରସାରଣ ପ୍ରକଳ୍ପକୁ ରାଜ୍ୟ ପୂର୍ତ୍ତ ସଚିବ ଇଂ ପ୍ରଧାନ, ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗ ଓ ସିଭିଲ ଇଞ୍ଜିନିୟରିଂ ବିଭାଗର ସମ୍ପ୍ରସାରଣ ପ୍ରକଳ୍ପ ପାଇଁ କୁଳପତି ଡ. ରେଡ୍ଡୀ ଶିଳାନ୍ୟାସ କରିଥିଲେ। ସମାବର୍ତ୍ତନ ମଣ୍ଡପରେ କୁଳସଚିବ ଡ.ପ୍ରଦୀପ କୁମାର ପ୍ରଧାନ, ନିର୍ଦ୍ଦେଶକ ଓ ଗଭର୍ଣ୍ଣିଂ ବଡ଼ିର ସଦସ୍ୟମାନେ ମଞ୍ଚାସୀନ ଥିଲେ।

ମୁଖ୍ୟ ଅତିଥି ଶ୍ରୀ ରାଜେନ୍ଦ୍ରନ ଜିଏସ୍‌ଟିକୁ ଦୃଢ଼ ପଦକ୍ଷେପ ବୋଲି କହିବା ସହିତ ଏହା ଯୋଗୁ ବର୍ତ୍ତମାନ ଉପୁଜିଥିବା ସମସ୍ୟାକୁ ନିରାକରଣ କରାଯାଇ ସମତୁଲ ବିକାସ ପ୍ରକ୍ରିୟା ରୂପାୟନ କରାଯିବା ଉଚିତ ବୋଲି କହିଥିଲେ। ବିମୁଦ୍ରାୟନ ସମ୍ପର୍କରେ ସେ କହିଲେ ଯେ, ଦୁର୍ନୀତି ଓ କଳାଧନକୁ ରୋକିବା ସହିତ ଇଲେକ୍ଟ୍ରୋନିକ୍ସ ସ୍ରୋତକୁ ଆର୍ଥିକ କାରବାରକୁ ଅଣାଯାଇ ବିକାସ ଭିତ୍ତିକୁ ପ୍ରଶସ୍ତ କରିବା ପାଇଁ ଏହା ପ୍ରଯୁଜ୍ୟ ଥିଲା। ଏହାର କାର୍ଯ୍ୟକାରିତା କ୍ଷେତ୍ରରେ କିଛି ସମାଲୋଚନା ହୋଇଛି। ଏହାର ଆଭିମୁଖ୍ୟ ହାସଲର ସଫଳତା ଉପରେ ମଧ୍ୟ ଚର୍ଚ୍ଚା ହେଉଛି। ତେବେ ଭବିଷ୍ୟତରେ ବିକାଶକୁ ଗତିଶୀଳ କରିବା ଓ ଦେଶ ସାମ୍ନା କରୁଥିବା ସମସ୍ୟାର ପ୍ରତିକାର ପାଇଁ ବିମୁଦ୍ରାୟନ ଆବଶ୍ୟକତାକୁ କେହି ଅସ୍ୱୀକାର କରିପାରିବେ ନାହିଁ ବୋଲି ମୁଖ୍ୟ ଅତିଥି କହିଥିଲେ।

ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ବାଗଚୀ କହିଥିଲେ ଯେ ସମ୍ପ୍ରତି ଜ୍ଞାନର ଅଗ୍ରଗତି ଅଭୁତପୂର୍ବ ଭାବେ ଆଗକୁ ବଢ଼ି ଚାଲିଛି। ଏବେ ସମାଜ ଜ୍ଞାନ ଆଧାରିତ ଉତ୍ସରେ ପରିଣତ ହୋଇଛି ବୋଲି ସେ କହିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୫ ଅକ୍ଟୋବର, ୨୦୧୭

# ଭିଏସ୍‌ଏସ୍‌ୟୁଟିରେ ନବମ ସମାବର୍ତ୍ତନ ଉତ୍ସବ

■ ପରମ ଶବକ ସୁପର କମ୍ପ୍ୟୁଟିଂ ଫ୍ୟାସିଲିଟି ଲୋକାର୍ପିତ




ସମାବର୍ତ୍ତନ ଉତ୍ସବରେ ମଞ୍ଚାସୀନ ଅତିଥି।

ବୁର୍ଲା,୨୪।୧୦(ଡି.ଏନ.ଏ.)

ପ୍ରତ୍ୟେକ ଛାତ୍ରୀଛାତ୍ର ଦେଶର ଗୋଟିଏ ଗୋଟିଏ ଉଜ୍ଜ୍ୱଳ ଭବିଷ୍ୟତ। ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିଏସଏସୟୁଟି)ର ନବମ ସମାବର୍ତ୍ତନ ଉତ୍ସବରେ ଏହା କହିଛନ୍ତି ଓଡିଶାର ପୂର୍ବତନ ରାଜ୍ୟପାଳ ଏମ.ଏମ. ରାଜେନ୍ଦ୍ରନ୍। ଭିଏସଏସୟୁଟି କୁଳପତି ପ୍ରଫେସର ଇ. ସାଇବାବା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜେନ୍ଦ୍ରନ୍ ପ୍ରତିବର୍ଷ ଏହି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଅପୂର୍ବ ସଫଳତାକୁ ପ୍ରଶଂସା କରିଛନ୍ତି।

ମଙ୍ଗଳବାର ବିଶ୍ୱେଶ୍ୱର ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ କୁଳପତି ରେଡ୍ଡୀ ସ୍ୱାଗତ ଭାଷଣ ଦେଇଥିଲେ। ପରେ ଡିଆରଡିଓ ମିଶାଇଲ ସିଷ୍ଟମର ମହାନିର୍ଦ୍ଦେଶକ ତଥା ପ୍ରତିରକ୍ଷା ମନ୍ତ୍ରୀଙ୍କ ବିଜ୍ଞାନ ପରାମର୍ଶଦାତା ଡ. ଜି. ସତୀଶ ରେଡ୍ଡୀ ଓ ଓଡିଶା ଦକ୍ଷତା ବିକାଶ ମିଶନ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। ପରେ ପୁରାତନ ଛାତ୍ର ତଥା ପୂର୍ତ୍ତବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ନଳିନୀକାନ୍ତ ପ୍ରଧାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପିଏଚଡି, ଏମଟେକ୍, ଏମସିଏ, ଏମଏସସି, ଏମଫିଲ, ବିଟେକ୍‌ରେ ଉତ୍ତୀର୍ଣ୍ଣ ୧୧୧୪ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ବିଟେକ୍‌ରେ ରଶ୍ମିରଞ୍ଜନ ଚକ୍ର, ଶଙ୍ଖସୁଞ୍ଜ ପାଲ, ମୋହନ କୁମାର ଷଡଙ୍ଗୀ, ଦୀପାଞ୍ଜଳୀ ନାଏକ, ପିନାକୀ ପଣ୍ଡା, ଅଭିଷେକ ସାମଲ, ଯଶ୍ ମୋଦି, ସସ୍ମିତା ରଥ, କାରୁବାକୀ ଦୀକ୍ଷିତ, ଗ୍ଲୋରିଆ ବିଶ୍ୱାଳ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏମ୍‌ଟେକ୍‌ରେ ଏଦଲା ରାଜେଶ ରେଡ୍ଡି, ସୁମନ୍ତ ଚନ୍ଦ୍ର, ମିଶ୍ର ଶର୍ମା, ଗୌତମ ଚରଣ ସାହୁ, ପ୍ରିୟଦର୍ଶିନୀ ସାହୁ, ଉମେଶ କୁମାର ପ୍ରଧାନ, ପ୍ରଭାତ କୁମାର ବେହେରା, ପ୍ରିୟବ୍ରତ ପୁହାଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି। ଏମସିଏରେ ରମଣୀ ରଞ୍ଜନ ପ୍ରଧାନ,ଏମଏସସିରେ ଆୟେଶା ନନ୍ଦଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ସେହିପରି କୁଳାଧିପତି ଡ.ଏସ.ସି. ଜମିରଙ୍କ ପକ୍ଷରୁ କୁଳପତି ପ୍ର. ରେଡ୍ଡି ମୁଖ୍ୟଅତିଥି ରାଜେନ୍ଦ୍ରନ୍‌ଙ୍କୁ ମେମୋଣ୍ଟୋ ପ୍ରଦାନ କରିଥିଲେ। ଉତ୍ସବରେ ସମସ୍ତ ବିଭାଗୀୟ ଡିନ୍ ପ୍ରଫେସର ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

ସମାବର୍ତ୍ତନ ଉତ୍ସବ ପୂର୍ବରୁ ପୂର୍ବାହ୍ନ ୧୦ଟା୨ମିନିଟରେ ଭିଡିଓ କନଫରେନ୍ସିଂ ଜରିଆରେ ରାଜଭବନରୁ କୁଳାଧିପତି ତଥା ରାଜ୍ୟପାଳ ଡ. ଏସ୍.ସି. ଜମିର ପରମ ଶବକ ସୁପର କମ୍ପ୍ୟୁଟିଂ ଫ୍ୟାସିଲିଟିର ଲୋକାର୍ପଣ କରିଥିଲେ। ଏହି ଅବସରରେ ଜମିର କହିଥିଲେ ଯେ, ଏହାଦ୍ୱାରା ଜ୍ଞାନ ଆହରଣ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ଅଧିକ ଫାଇଦା ମିଳିବ। ସେମାନେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ଅଧିକ ସକ୍ଷମ ହୋଇପାରିବେ। ଭିଡିଓ କନଫରେନ୍ସିଂ ସମୟରେ ଭିଏସଏସୟୁଟି କୁଳପତି ରେଡ୍ଡୀଙ୍କ କାର୍ଯ୍ୟାଳୟରେ କୁଳସଚିବ ପ୍ରଫେସର ପ୍ରଦୀପ ପ୍ରଧାନ, ପ୍ରଫେସର ପି.ସି .ସ୍ୱାଇଁ ଓ ଅନ୍ୟ ବିଭାଗୀୟ ପ୍ରଫେସରମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ପରମ ଶବକ ସୁପର କମ୍ପ୍ୟୁଟିଂ ଫ୍ୟାସିଲିଟି ବ୍ୟବସ୍ଥା ଅନୁସାରେ ବିଭିନ୍ନ ବିଭାଗରେ ଅତ୍ୟାଧୁନିକ ଇନ୍‌ଟେଲ ପ୍ରୋସେସର, ୬୪ ଜିବି ର୍‍ୟାମ୍, ୮ ଟିବି ଷ୍ଟୋରେଜ, ଇନ୍‌ଟେଲ ଟୁଲ୍‌ସ ପ୍ରଭୃତି ବ୍ୟବସ୍ଥା ରହିଛି। ବାୟୋ ଟେକ୍ନୋଲୋଜି, ଗଣିତ, ପଦାର୍ଥ ବିଜ୍ଞାନ, କମ୍ପ୍ୟୁଟେଶନାଲ ରସାୟନ ବିଜ୍ଞାନ, ସିଭିଲ ଓ ଇଲେକ୍ଟ୍ରୋନିକ୍ସ ପାଠ୍ୟକ୍ରମ ପାଇଁ ଏହି କମ୍ପ୍ୟୁଟର ସହାୟକ ହେବ।

ପ୍ରମେୟ
THE PRAMEYA
PRINTED AT BHUBANESWAR SAMBALPUR PANIKOILI
RNI REGD NO: ODIODI/2011/37619 - POSTAL REGD NO: BN/208/15-17

VOLUME 7 • ISSUE 173 • SAMBALPUR • WEDNESDAY • 25 OCTOBER 2017 • ବର୍ଷ ୭

## ଭିସୁଟ୍‌ର ନବମ ସମାବର୍ତ୍ତନ ଉତ୍ସବ

# 'ଭାରତ ହେବ ବିଶ୍ୱର ଦକ୍ଷତା କେନ୍ଦ୍ର'



- ୧୧୧୪ ଜଣଙ୍କୁ ଡିଗ୍ରୀ, ୨୫ଜଣଙ୍କୁ ଗୋଲ୍ଡ ମେଡାଲ
- ସୁବ୍ରତ ବାଗ୍‌ଚୀ ଓ ଜି. ସତୀଶ ରେଡ୍ଡୀଙ୍କୁ ଡକ୍ଟରେଟ୍

ବୁର୍ଲା, ୨୪।୧୦(ଆପ୍ର): ଅଧୁନା ଭାରତୀୟ ବିଦ୍ୟାର୍ଥୀ ବିଶ୍ୱର କୋଣ ଅନୁକୋଣରେ ସେମାନଙ୍କ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏଥିରୁ ଆଗାମୀ ଦିନରେ ଭାରତ ବିଶ୍ୱର ଦକ୍ଷତା କେନ୍ଦ୍ର ହେବା ଜଳଜଳ ଦିଶୁଛି ବୋଲି ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି (ଭିସୁଟ୍)ର ନବମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଏମ୍‌ଏମ୍ ରାଜେନ୍ଦ୍ରନ୍ ମତପ୍ରକାଶ କରିଛନ୍ତି।

ଆଜି ଭିସୁଟ୍ ଅଡିଟୋରିଅମ୍‌ରେ ଆୟୋଜିତ ଏହି ସ୍ୱତନ୍ତ୍ର ଉତ୍ସବରେ କୁଳପତି ଇଂ. ସାଇବାବା ରେଡ୍ଡୀ, କୁଳସଚିବ ପି.କେ ପ୍ରଧାନ ମଞ୍ଚାସୀନ ଥିଲେ। କୌଣସି କାରଣବଶତଃ ରାଜ୍ୟପାଳ ତଥା କୁଳାଧିପତି ଡ. ଏସ୍.ସି ଜମିର୍ ଉତ୍ସବରେ ଉପସ୍ଥିତ ହୋଇନପାରି ରାଜଭବନରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସୁପର କମ୍ପ୍ୟୁଟର 'ପରମ୍ ଶବକ୍'ର ଉଦଘାଟନ କରିଥିଲେ। ଏହି ଅବସରରେ ଭାରତ ସରକାରଙ୍କ ରକ୍ଷା ମନ୍ତ୍ରୀଙ୍କ ବିଜ୍ଞାନ ଉପଦେଷ୍ଟା ଡ. ଜି ସତୀଶ ରେଡ୍ଡୀ ଓ ଓଡ଼ିଶା ସ୍କିଲ ଡେଭଲପମେଣ୍ଟ ଅଥରିଟିର ଚେୟାରମ୍ୟାନ ସୁବ୍ରତ ବାଗ୍‌ଚୀଙ୍କୁ କୁଳପତି ଶ୍ରୀ ରେଡ୍ଡୀ ବିଶ୍ୱବିଦ୍ୟାଳୟ ତରଫରୁ ସମ୍ମାନଜନକ ଡ଼କ୍ଟରେଟ ଉପାଧିରେ ସମ୍ମାନିତ କରିଥିଲେ। ଶ୍ରୀ ବାଗ୍‌ଚୀ ନିଜ ଅଭିଭାଷଣରେ ଦେଶରେ ସରକାର ▶ ପୃଷ୍ଠା-୯

## 'ଭାରତ ହେବ...

ଆଇଆଇଟି ଓ ଆଇଟିଆଇ ପ୍ରତିଷ୍ଠା କରିଛନ୍ତି। ଉଭୟ ଶିକ୍ଷାନୁଷ୍ଠାନରୁ ଛାତ୍ରଛାତ୍ରୀ ଡିଗ୍ରୀ ପାଇବା ପରେ ବୈଷୟିକ ଉନ୍ନତି କ୍ଷେତ୍ରରେ କାମ କରୁଛନ୍ତି। ଆଉ ଯେଉଁଦିନ ଆଇଆଇଟି ଓ ଆଇଟିଆଇରୁ ପାସ୍ କରି ଦେଶ ପାଇଁ କାମ କରୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାନତା ଆସିବ ସେହିଦିନ ଭାରତ ବିଶ୍ୱର ସର୍ବଶ୍ରେଷ୍ଠ ଦେଶ ହୋଇପାରିବ ବୋଲି ସେ ମତ ରଖିଥିଲେ। ସେହିପରି ଭାରତ ସରକାରଙ୍କ ରକ୍ଷା ମନ୍ତ୍ରୀଙ୍କ ବିଜ୍ଞାନ ଉପଦେଷ୍ଟା ଡ. ଜୀ ସତୀଶ ରେଡ୍ଡୀ ନିଜ ଅଭିଭାଷଣରେ ଦେଶର ସୁରକ୍ଷା ପାଇଁ ମିଶାଇଲ୍ ଓ ରକେଟ ଭଳି ଉନ୍ନତ ମାନର ଅସ୍ତ୍ରଶସ୍ତ୍ର ଆବଶ୍ୟକ ଥିବାରୁ ପ୍ରତିରକ୍ଷା କ୍ଷେତ୍ରରେ ବହୁ ଦକ୍ଷ ଇଂଜିନିୟରଙ୍କ ଆବଶ୍ୟକ ରହିଛି ବୋଲି ପ୍ରକାଶ କରିଥିଲେ।

ଏହି ଅବସରରେ ମୋଟ ୧୧୧୪ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରେ ବିଟେକ୍‌ରେ ୮୦୪ ଜଣ, ଏମ୍‌ଟେକ୍‌ରେ ୨୨୯, ଏମ୍‌ଏସ୍‌ସିରେ ୩୩, ଏମ୍‌ସିଏରେ ୩୪, ଏମ୍‌ଫିଲ୍‌ରେ ୫ ଓ ୯ଜଣଙ୍କୁ ଡକ୍ଟରେଟ ଡିଗ୍ରୀ ହାସଲ କରିଛନ୍ତି। ବିଭିନ୍ନ ବିଭାଗରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୨୫ଜଣ ଛାତ୍ରଛାତ୍ରୀଙ୍କୁ ଗୋଲ୍ଡ ମେଡାଲ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ସର୍ବଶ୍ରେଷ୍ଠ ଆଲୁମ୍ନି ପୁରସ୍କାର ଇଞ୍ଜିନିୟର-ଇନ୍-ଚିଫ୍ ଇଂ. ନଳିନୀକାନ୍ତ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି।

କୁଳପତି ନିଜ ଅଭିଭାଷଣରେ

ନିତିଦିନ
NITIDIN
www.niti

NEW AGE MEDIA & PUBLICATIONS PVT. LTD.
PRINTED SIMULTANEOUSLY AT BHUBANESWAR & SAMBALPUR

VOLUME 3 • ISSUE 158 • RNI REG. NO. ODIODI/2015/62237 • SAMBALPUR • WEDNESDAY • 25 OCTOBER 2017

ଡିଆର୍‌ଡିଓ ଡିଜି ଡ. ଜି ସତୀଶ ରେଡ୍ଡୀଙ୍କ ଦମ୍ଭୋକ୍ତି

# ସାମରିକ ଶକ୍ତିରେ ଭାରତ ଆଗୁଆ

**ସମ୍ବଲପୁର, ୨୪।୧୦/ଏନ୍‌ଏନ୍‌ଏସ୍:**


ଡ. ଜି. ସତୀଶ ରେଡ୍ଡୀ

ଗୋଟିଏ ଦେଶର ଶକ୍ତି, ତାର ଶୈକ୍ଷିକ, ଆର୍ଥିକ, ବୈଷୟିକ, ବିଜ୍ଞାନଗତ କ୍ଷେତ୍ରର ଶକ୍ତି ଉପରେ ନିର୍ଭର କରିଥାଏ। ପ୍ରତ୍ୟେକ ଦେଶବାସୀ ଦେଶ ପାଇଁ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାର ଆବଶ୍ୟକତା ରହିଛି। ଏବେ ଭାରତ ସାମରିକ ଜ୍ଞାନ କୌଶଳ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବେଶ ଆତ୍ମନିର୍ଭରଶୀଳ ଏବଂ ପୃଥିବୀର ଆଗଧାଡ଼ିର କେତୋଟି ରାଷ୍ଟ୍ର ମଧ୍ୟରେ ପରିଗଣିତ ହେଉଛି ବୋଲି ରକ୍ଷାମନ୍ତ୍ରୀଙ୍କ ବୈଷୟିକ ପରାମର୍ଶଦାତା ତଥା ଡିଆରଡିଓର ମହାନିର୍ଦ୍ଦେଶକ (ମିସାଇଲ) ଡ. ଜି. ସତୀଶ ରେଡ୍ଡୀ ପ୍ରକାଶ କରିଛନ୍ତି।

ଆଜି ବୁର୍ଲା ଭିସୁଟରେ ସମ୍ମାନଜନକ ଡକ୍ଟରେଟ ଗ୍ରହଣ କାଳରେ ଡ. ରେଡ୍ଡୀ କହିଥିଲେ ଏବେ ଦେଶର ସାମରିକ ବାହିନୀ ପାଇଁ ଆସ୍ତ୍ରଆ ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ମିସାଇଲ ଓ ମହାକାଶ ବୈଷୟିକ ବିଦ୍ୟା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଆମର ସାମରିକ ଶକ୍ତିକୁ ପ୍ରତିପାଦିତ କରିଛି। ଅଗ୍ନି ସିରିଜ୍ ମିସାଇଲ୍, ଇଣ୍ଟରସେପ୍ଟର୍ ମିସାଇଲ୍, ଗାଇଡେଡ୍ ମ୍ୟୁନିସନ୍, ନ୍ୟୁକ୍ଲିୟର୍ ସବ୍‌ମେରିନ୍ ▶▶ ୭

ଭିସୁଟ୍‌ର ୯ମ ସମାବର୍ତ୍ତନ ଉତ୍ସବରେ ପୂର୍ବତନ ରାଜ୍ୟପାଳ ରାଜେନ୍ଦ୍ରନ୍‌ଙ୍କ ମତ

# 'ଜିଏସ୍‌ଟି ଏକ ଶକ୍ତିଶାଳୀ ପଦକ୍ଷେପ'

**ପ୍ରଫୁଲ୍ଲ କୁମାର ଦାଶ, ସମ୍ବଲପୁର, ୨୪।୧୦:**



ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ୬.୭%କୁ ହ୍ରାସ ପାଇଥିବାରୁ ଏବେ ଚାରିଆଡ଼େ ଉଦ୍‌ବେଗ ସୃଷ୍ଟି ହୋଇଛି। ଆନ୍ତର୍ଜାତିକ ସ୍ତରରେ ଅର୍ଥନୈତିକ ସ୍ଥିତିରେ ମାନ୍ଦାବସ୍ଥା ଆସିଛି। ଭାରତରେ ବିମୁଦ୍ରାକରଣ ଓ ଜିଏସ୍‌ଟି ପ୍ରଣୟନ ଫଳରେ ଅଭିବୃଦ୍ଧି ହାର ହ୍ରାସ ପାଇଛି। ମାତ୍ର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଣୀତ ବିମୁଦ୍ରାକରଣ ଓ ଜିଏସ୍‌ଟି ଦୀର୍ଘକାଳୀନ ସୂତ୍ରରେ ଏକ ଶକ୍ତିଶାଳୀ ପଦକ୍ଷେପ। ଏହାଦ୍ୱାରା କଳାଧନ ଓ ଦୁର୍ନୀତିକୁ ରୋକିବା ପାଇଁ ପ୍ରୟାସ କରାଯାଉଛି। ଏହା ସ୍ୱାଗତଯୋଗ୍ୟ ବୋଲି ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଏମ୍‌ଏମ୍ ରାଜେନ୍ଦ୍ରନ କହିଛନ୍ତି। ତେବେ ଏହି ଶକ୍ତିଶାଳୀ ପଦକ୍ଷେପ କାର୍ଯ୍ୟକାରୀ କରିବା ସମୟରେ ରହିଥିବା ତ୍ରୁଟି ବିଚ୍ୟୁତିକୁ ନିରାକରଣ ପାଇଁ ଯତ୍ନବାନ ହେବାକୁ ସେ ମତ ରଖିଛନ୍ତି। ଆଜି ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୂର୍ବତନ ରାଜ୍ୟପାଳ ଶ୍ରୀ ରାଜେନ୍ଦ୍ରନ କହିଛନ୍ତି ବିମୁଦ୍ରାକରଣ ଓ ଜିଏସ୍‌ଟି ଦେଶର ▶▶ ୭

## ଜିଏସ୍‌ଟି ଏକ...

ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶ ପାଇଁ ଦୀର୍ଘକାଳୀନ ପ୍ରଭାବ ପକାଇବାର ସମ୍ଭାବନା ରହିଛି। ଦେଶର ବିକାଶ ଓ ଅର୍ଥନୈତିକ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରକାର ଖରାପ ସ୍ଥିତିକୁ ମୂଳୋତ୍ପାଟନ କରିବା ହିଁ ଏହାର ଉଦ୍ଦେଶ୍ୟ, ଏହା ଅସ୍ୱୀକାର କରାଯାଇପାରିବ ନାହିଁ। ସେ କହିଲେ, ବୈଷୟିକ ବିଶ୍ୱବିଦ୍ୟାଳୟ ଛାତ୍ର ସମଗ୍ର ଯୁବ ସମାଜ ମଧ୍ୟରେ ଭାଗ୍ୟଶାଳୀ, ସେମାନଙ୍କ ଉପରେ ଦେଶର ଭବିଷ୍ୟତ ନିର୍ଭର କରୁଛି। ତେଣୁ ସେମାନେ ଅଭିଭାବକ, ସମାଜ ଓ ଦେଶ ପ୍ରତି ସର୍ବଦା ଋଣୀ ରହି ଏକ ଉଜ୍ଜ୍ୱଳ ରାଷ୍ଟ୍ର ଗଠନ ପାଇଁ ଜୀବନକୁ ଉତ୍ସର୍ଗ କରିବା ଆବଶ୍ୟକ ବୋଲି ଶ୍ରୀ ରାଜେନ୍ଦ୍ରନ କହିଥିଲେ। ବୈଷୟିକ ବିଶ୍ୱବିଦ୍ୟାଳୟ ପାଠପଢ଼ାରେ ଅଧିକ ଗବେଷଣାଧର୍ମୀ କାର୍ଯ୍ୟ କରି ରାଷ୍ଟ୍ରର ସ୍ୱାର୍ଥ ଉଦ୍ଦେଶ୍ୟରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଡିଆରଡିଓର ମିସାଇଲ ବିଭାଗ ମହାନିର୍ଦ୍ଦେଶକ ତଥା ରକ୍ଷାମନ୍ତ୍ରୀଙ୍କ ବୈଷୟିକ ପରାମର୍ଶଦାତା ଡ. ଜି ସତୀଶ ରେଡ୍ଡୀ ଓ ଓଡ଼ିଶା ଦକ୍ଷତା ବିକାଶ ମିଶନର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା। ରାଜ୍ୟ ପୂର୍ବ ସଚିବ ଡ଼. ରଜନୀକାନ୍ତ ପ୍ରଧାନଙ୍କୁ ଉଲ୍ଲେଖନୀୟ ଆଲୁମନୀ ଭାବେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ୧୧୧୪ଜଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଶ୍ରେଣୀର ଡିଗ୍ରୀ ପ୍ରଦାନ କରାଯାଇଥିଲା। ସମାବର୍ତ୍ତନ ଉତ୍ସବ ଅବସରରେ କୁଳପତି ଡ଼. ସାଇବାବା ରେଡ୍ଡି ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟରେ ସି-ଡାକ ଓ ରାଜ୍ୟ ସରକାରଙ୍କ ସହଯୋଗରେ ପରମ ସବକ ସୁପର କମ୍ପ୍ୟୁଟର ସ୍ଥାପନ କରାଯାଇଥିଲା। ଉତ୍ସବରେ ବହୁ ସଂଖ୍ୟକ ଆଲୁମ୍‌ନି ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୪ ଅକ୍ଟୋବର, ୨୦୧୭



# ଭିଏସ୍ଏସ୍ୟୁଟିରେ ପରମ ଶବକ ସୁପର କମ୍ପ୍ୟୁଟିଂ ଫ୍ୟାସିଲିଟି ଲୋକାର୍ପିତ ହେବ

ବୁର୍ଲା,୨୩।୧୦(ଡି.ଏନ୍.ଏ.)

ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ଉତ୍ସବରେ ପରମ ଶବକ ସୁପର କମ୍ପ୍ୟୁଟିଂ ଫ୍ୟାସିଲିଟି ଲୋକାର୍ପିତ ହେବ। ଏହାକୁ କୁଳାଧିପତି ତଥା ରାଜ୍ୟପାଳ ଡ. ଏସ୍.ସି. ଜମିର ଉଦ୍‌ଘାଟନ କରିବେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସି-ଡିଏସି ତଥା ଭିଏସ୍ଏସ୍ୟୁଟି ମିଳିତ ଉଦ୍ୟମରେ ଏହି ସୁପର କମ୍ପ୍ୟୁଟର ସ୍ଥାପନ କରାଯାଉଛି ବୋଲି କୁଳପତି ପ୍ରଫେସର ଇ. ସାଇବାବା ରେଡ୍ଡୀ ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିରେ ଅତ୍ୟାଧୁନିକ ଇନ୍‌ଟେଲ ପ୍ରୋସେସର, ୬୪ ଜିବି ର୍‍ୟାମ୍, ୮ ଟିବି ଷ୍ଟୋରେଜ, ଇନ୍‌ଟେଲ ଟୁଲ୍‌ସ ପ୍ରଭୃତି ବ୍ୟବସ୍ଥା ରହିଛି। ବାୟୋଟେକ୍ନୋଲୋଜି, ଗଣିତ, ପଦାର୍ଥ ବିଜ୍ଞାନ, କମ୍ପ୍ୟୁଟେଶନାଲ ରସାୟନ ବିଜ୍ଞାନ, ସିଭିଲ ଓ ଇଲେକ୍ଟ୍ରୋନିକ୍ସ ପାଠ୍ୟକ୍ରମ ପାଇଁ ଏହି କମ୍ପ୍ୟୁଟର ସହାୟକ ହେବ। ଏହା ଦ୍ୱାରା ଛାତ୍ରୀଛାତ୍ରମାନେ ବିଶ୍ୱସ୍ତରରେ ପ୍ରତିଯୋଗିତା ପାଇଁ ଅଧିକ ସକ୍ଷମ ହୋଇପାରିବେ। ସମାବର୍ତ୍ତନ ଉତ୍ସବ ବାବଦରେ କୁଳପତି ଡ. ରେଡ୍ଡୀ କହିଲେ, ଏଥିରେ ପୂର୍ବତନ ରାଜ୍ୟପାଳ ଏମ୍ଏମ୍ ରାଜେନ୍ଦ୍ରନ୍ ମୁଖ୍ୟଅତିଥି ରୂପେ ଯୋଗଦେବେ। ସମାରୋହରେ ଡିଆର୍‌ଡିଓର ମିଶାଇଲ ସିଷ୍ଟମର ମହାନିର୍ଦ୍ଦେଶକ ତଥା ପ୍ରତିରକ୍ଷା ମନ୍ତ୍ରୀଙ୍କ ବିଜ୍ଞାନ ପରାମର୍ଶଦାତା ଡ. ସତୀଶ ରେଡ୍ଡୀ ଓ ଓଡ଼ିଶା ଦକ୍ଷତା ବିକାଶ ମିଶନର ଅଧକ୍ଷ ସୁବ୍ରୋତୋ ବାଗ୍‌ଚିଙ୍କ ସମ୍ମାନ ସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯିବ। ଏଥିରେ ପୁରାତନ ଛାତ୍ର ତଥା ରାଜ୍ୟ ପୂର୍ତ୍ତ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ନଳିନୀକାନ୍ତ ପ୍ରଧାନଙ୍କୁ ସମ୍ମାନିତ କରାଯିବ। ସେହିଭଳି ୧୧୧୪ ଜଣ ଛାତ୍ରୀଛାତ୍ର ପିଏଚ୍‌ଡି ଓ ଅନ୍ୟାନ୍ୟ ଡିଗ୍ରୀ ପ୍ରାପ୍ତ କରିବେ। ୨୫ ଜଣଙ୍କୁ ବିଭିନ୍ନ ବିଭାଗରେ ଉତ୍କର୍ଷତା ପାଇଁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ବିଶ୍ୱବିଦ୍ୟାଳୟର ପ୍ରଡ଼କ୍ସନ ଇଞ୍ଜିନିୟରିଂ, ଆଇଟି ବିଭାଗକୁ ୨୦୧୯-୨୦, କମ୍ପ୍ୟୁଟର ଆପ୍ଲିକେଶନ, ପାୱାର ସିଷ୍ଟମ ଇଞ୍ଜିନିୟରିଂ ଓ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗକୁ ୨୦୧୮-୧୯ ପର୍ଯ୍ୟନ୍ତ ମର୍ଯ୍ୟାଦା ଜନକ ଏନ୍‌ବିଏ ସ୍ୱୀକୃତି ମିଳିଛି। ଇତିମଧ୍ୟରେ ବିଶ୍ୱବିଦ୍ୟାଳୟରେ ୩୦ ଜଣ ନୂତନ ଅଧ୍ୟାପକ ଯୋଗ ଦେଇଛନ୍ତି। ୧୩ କୋଟି ଟଙ୍କାରେ ନୂତନ ଉପକରଣ ସହ ଲେବରେଟୋରୀ ଗୁଡ଼ିକର ଉନ୍ନତୀକରଣ କରାଯାଉଛି। କେମିକାଲ ଇଞ୍ଜିନିୟରିଂ, ମେଟାଲର୍ଜି, ମେଟାରିଆଲ ଇଞ୍ଜିନିୟରିଂ ଓ ସ୍ଥାପତ୍ୟ ବିଭାଗରେ ନୂଆ ଲେବରେଟୋରୀ ବିକଶିତ କରାଯାଇଛି। ୨୬ ଜଣ ଏମ୍‌ଟେକ୍ ଓ ୧୦ ଜଣ ପିଏଚ୍‌ଡି ଗବେଷକଙ୍କୁ ସ୍କଲାରଶିପ ମଞ୍ଜୁର କରାଯାଇଛି। ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗରେ ୧୭ଟି ଗବେଷଣା ପ୍ରକଳ୍ପ ଉପରେ କାର୍ଯ୍ୟ ଚାଲିଥିବାବେଳେ ପିଏଚ୍‌ଡି ପାଇଁ ୫୪ ଜଣ ସାମିଲ ହୋଇଛନ୍ତି। ଅଧ୍ୟାପକମାନେ ବିଭିନ୍ନ ବିଶ୍ୱବିଦ୍ୟାଳୟର ୧୫ଟି ପିଏଚ୍‌ଡି ନିବନ୍ଧକୁ ଗାଇଡ୍ କରିଛନ୍ତି। ୧୩୫ ଜଣ ଅଧ୍ୟାପକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସେମିନାରଗୁଡ଼ିକରେ ଭାଗନେଇ ପୁରସ୍କୃତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ଓଡ଼ିଶା ସରକାର, ୟୁଜିସି ଭଳି ସୂତ୍ରରୁ ୪୭.୭୫ କୋଟି ଟଙ୍କା ଅନୁଦାନ ପାଇଛି। ସେହିଭଳି ବିଶ୍ୱବିଦ୍ୟାଳୟର ୭ ଜଣ ଅଧ୍ୟାପକ ପିଏଚ୍‌ଡି ଡିଗ୍ରୀ ହାସଲ କରିଛନ୍ତି। ଅଧ୍ୟାପକ ଡ. ଏ.କେ. ପଣ୍ଡାଙ୍କ ରସାୟନ ବିଜ୍ଞାନ ବିଭାଗର ଏକ ପ୍ରସଙ୍ଗ ପେଟେଣ୍ଟ ଲାଭ କରିଛି। ଏହାର ଛାତ୍ର ବୋଧିସତ୍ତ୍ୱ ସଂଘପ୍ରିୟଙ୍କ ନେତୃତ୍ୱରେ ୨୦ ଜଣ ଛାତ୍ରୀଛାତ୍ରଙ୍କ ଏକ ଟିମ୍ ବ୍ରିକ୍ସର ପ୍ରଥମ ଏସିଆନ୍ ଆନ୍ତମହାବିଦ୍ୟାଳୟ ରକେଟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଇସ୍ରୋ ଦ୍ୱାରା ଶ୍ରୀହରିକୋଟାରେ ଆୟୋଜିତ ପ୍ରତିଯୋଗିତାରେ ଏହି ଦଳ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଛାତ୍ର ସଂଘପ୍ରିୟ ଓ ଅପୂର୍ବ ମାସୁକ୍ ରବିବାର ଋଷିଆରେ ଉଦ୍‌ଯାପିତ ହୋଇଥିବା ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଛନ୍ତି। ଚଳିତବର୍ଷ ୨୩ଟି କମ୍ପାନୀ ବିଶ୍ୱବିଦ୍ୟାଳୟକୁ ଆସିଥିବା ବେଳେ ୫୦୪ ଜଣ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପ୍ରଦାନ କରିଥିବା କୁଳପତି ଡ. ରେଡ୍ଡୀ କହିଥିଲେ।